**ବିଶେଷ**

# ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟାଠାରେ ରାଜ୍ୟସ୍ତରୀୟ ୫୪ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳିତ

ତା୩।୧୧।୦୫ରିଖ ଠାରୁ ତା୯।୧୧।୦୫ରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲା










## ପଶୁପକ୍ଷୀଙ୍କ ଅଂଶୁଘାତରୁ ଦୂରୀକରଣ ପାଇଁ କେତେକ ଆଗୁଆ ପଦକ୍ଷେପ

(୧) ପଶୁଙ୍କୁ ପ୍ରାତଃକାଳେ କିମ୍ବା ବିଳମ୍ବ ଅପରାହ୍ଣରେ ଚରିବାକୁ ଛାଡ଼ନ୍ତୁ।

(୨) ପଶୁପକ୍ଷୀଙ୍କୁ ଆବଦ୍ଧ ଘରେ ନରଖି ମୁକ୍ତବାୟୁ ଚଳାଚଳ ଘରେ ରଖନ୍ତୁ।

(୩) ପଶୁପକ୍ଷୀଙ୍କୁ ଅଯଥାରେ ଗହଳି କରିବାକୁ ଦିଅନ୍ତୁ ନାହିଁ।

(୪) ପଶୁମାନଙ୍କୁ ଅତ୍ୟଧିକ ଶାରୀରିକ ପରିଶ୍ରମ କରାଇବାକୁ ଦିଅନ୍ତୁ ନାହିଁ।

(୫) ଟାଣ ଖରାରେ ବଳଦ ହଳ କରିବାକୁ ଛାଡ଼ନ୍ତୁ ନାହିଁ।

(୬) ସ୍ୱଳ୍ପ ବୟସ୍କ ଓ ବୟସ୍କ ପ୍ରାଣୀ କିମ୍ବା ମୋଟା ପଶୁଙ୍କୁ ଖରାବେଳେ ବାହାରକୁ ଛାଡ଼ନ୍ତୁ ନାହିଁ।

(୭) ପୋଷା ପଶୁପକ୍ଷୀଙ୍କୁ ନିଛୁକ ଖାଡ଼ି ବା କ୍ରେଟ୍ ମଧ୍ୟରେ ପରିବହନ ବା ସ୍ଥାନାନ୍ତରିତ କରନ୍ତୁ ନାହିଁ।

(୮) ପଶୁପକ୍ଷୀମାନଙ୍କୁ ସ୍ୱଚ୍ଛ ଥଣ୍ଡା ପିଇବା ପାଣି ପିଇବାକୁ ଦିଅନ୍ତୁ ଏବଂ ବାହାରର ନାଳ, ନର୍ଦ୍ଦମା ବା ପୋଖରୀର ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ।

(୯) ଗୋରୁଙ୍କର ବିଶ୍ରାମ ସ୍ଥାନ ବା ଗୋଠରେ ଜଳକୁଣ୍ଡର ବ୍ୟବସ୍ଥା କରନ୍ତୁ।

(୧୦) ଗୁହାଳର ଆଜ୍‌ବେଷ୍ଟସ୍ କିମ୍ବା ଟିଣ ଛପର ଉପରେ ନଡ଼ା କିମ୍ବା ତାଳପତ୍ର ବିଛାଇ ରଖନ୍ତୁ।

(୧୧) ଗୁହାଳ ଓ କୁକୁଡ଼ା ଘର କବାଟ ଝରକାରେ ଓଦା ଅଖା ଝୁଲାନ୍ତୁ ଏବଂ ମଝିରେ ମଝିରେ ପାଣି ସିଞ୍ଚନ୍ତୁ।

(୧୨) ଗୋରୁ ଗାଈଙ୍କୁ ଦିନକୁ ଥରେ କିମ୍ବା ଆବଶ୍ୟକସ୍ଥଳେ ୨ ରୁ ୩ଥର ଗାଧୋଇବାକୁ ଦିଅନ୍ତୁ।

(୧୩) କୁକୁଡ଼ା ଘରର ଲିଟରର ଉଚ୍ଚତା କମାଇଦେବା ସଙ୍ଗେ ସଙ୍ଗେ ପିଇବା ପାଣି ପ୍ରତି ୨-୩ଘଣ୍ଟା ବ୍ୟବଧାନରେ ବଦଳାନ୍ତୁ।

(୧୪) ଗୋରୁଙ୍କୁ ଦିନରେ ପୃଷ୍ଟିକର ଦାନାଯୁକ୍ତ ଖାଦ୍ୟ ଖାଇବାକୁ ଦେବା ସହିତ ରାତ୍ରର ଥଣ୍ଡା ପ୍ରହରରେ ସବୁଜ ଘାସ, ନଡ଼ା କୁଟା ଆଦି ଗାଈଙ୍କୁ ଦିଅନ୍ତୁ।

ମନେରଖନ୍ତୁ : ଅଂଶୁଘାତରୁ ପଶୁପକ୍ଷୀଙ୍କୁ ରକ୍ଷା କରିବା ଆପଣଙ୍କର ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ। ଏଥିରେ ଅବହେଳା କରନ୍ତୁ ନାହିଁ।

ବିଶେଷ କରି ସୁନ୍ଦରଗଡ଼, ଜଗତସିଂହପୁର, ମୟୂରଭଞ୍ଜ, ବଲାଙ୍ଗୀରରେ ୧ ସପ୍ତାହ ବ୍ୟାପି ୫୪ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ତା୯।୧୧।୦୫ରିଖ ଦିନ ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟାଠାରେ ଏକ ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଉତ୍ସବ ଚିତାକର୍ଷକ ଭାବେ ପାଳିତ ହୋଇଯାଇଛି। ଏହି ଉତ୍ସବ ଉଦ୍‌ଘାଟନର ଅବ୍ୟବହିତ ପୂର୍ବରୁ ମାନ୍ୟବର ମତ୍ସ୍ୟ ଓ ପଶୁ ସଂପଦ ବିକାଶ ମନ୍ତ୍ରୀ ଶ୍ରୀଯୁକ୍ତ ଗୋଲକ ବିହାରୀ ନାଏକ, ସାଂସଦ ଶ୍ରୀଯୁକ୍ତ ବୀରଭଦ୍ର ସିଂ, ପଶୁ ପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଜୟ କୁମାର ଧଳ ସମେତ ଅନ୍ୟ ଅତିଥିମାନେ ପଶୁ ସଂପଦ ବିଭାଗ ତରଫରୁ ଆୟୋଜିତ ଗୋ-ବତ୍ସ ପ୍ରଦର୍ଶନୀ, ପଶୁ ଚିକିତ୍ସା ଶିବିର, ଗୋ-ବନ୍ଧ୍ୟା ନିରାକରଣ ଶିବିର, ପ୍ରତିଷେଧକ ଟିକା ଶିବିର ଇତ୍ୟାଦି ପରିଦର୍ଶନ କରିବା ସହିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସ୍ୱୟଂ ସହାୟକ ଦଳ, ଓମ୍‌ଫେଡ୍, ସ୍ଥାନୀୟ ଜନସାଧାରଣ ଏବଂ ପଶୁ ସଂପଦ ବିଭାଗ ତରଫରୁ ଆୟୋଜିତ ସମସ୍ତ ପ୍ରଦର୍ଶନୀ ସ୍ଥଳ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ। ଅତିଥିବୃନ୍ଦ ପରିଦର୍ଶନ କରିବା ସମୟରେ ଚାଷୀ ତଥା ଗୋ-ପାଳକମାନଙ୍କର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ବୁଝିବା ସହିତ ବିଭିନ୍ନ ଗଣ ମାଧ୍ୟମ ଯଥା - ଇ.ଟି.ଭି., ଓ.ଟି.ଭି. ଏବଂ ଦୂରଦର୍ଶନକୁ ପଶୁ ପାଳନରେ ଜିଲ୍ଲାର ଉନ୍ନତି ପାଇଁ ସାକ୍ଷାତ୍‌କାର ମାଧ୍ୟମରେ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ।

ଏହି ଉତ୍ସବରେ ଆଖପାଖରୁ ସରପଞ୍ଚଙ୍କ ସମେତ ୧ ହଜାରରୁ ଊର୍ଦ୍ଧ୍ୱ ଚାଷୀ ତଥା-ଗୋପାଳକ ଏବଂ ୩ ଶହରୁ ଊର୍ଦ୍ଧ୍ୱ ଗାଈ ଓ ମଇଁଷି ଅଂଶ ଗ୍ରହଣ କରିଥିଲେ।

**ଗାଈ ବା ଛଡ଼ା ଗରମକୁ ଆସିଲେ ନିକଟସ୍ଥ ପଶୁ ଚିକିତ୍ସାଳୟ ବା ପଶୁ ସହାୟକ କେନ୍ଦ୍ରକୁ ଆଣି କୃତ୍ରିମ ପ୍ରଜନନ କରାନ୍ତୁ।**